# NATIONAL NEWS BULLETIN (ODIA)

## 7 May - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ-ଭିଏତ୍‌ନାମ ସମ୍ପର୍କ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ସହ ଶାନ୍ତି ଓ ସମୃଦ୍ଧି କ୍ଷେତ୍ରରେ ସହାୟକ ହେବ, କହିଲେ ରାଷ୍ଟ୍ରପତି ।
- ବିହାର କ୍ୟାବିନେଟ୍ ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଶ୍ରମିକମାନଙ୍କ ପାଇଁ ଆଜିଠାରୁ ଦେଶ ବ୍ୟାପି ବାର୍ଷିକ ସ୍ୱାସ୍ଥ୍ୟ ଯାଞ୍ଚ ପଦକ୍ଷେପର ଶୁଭାରମ୍ଭ କରିବେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ।
- ଅପରେସନ୍ ସିନ୍ଦୂରର ପ୍ରଥମ ବାର୍ଷିକ ଅବସରରେ ଜୟପୁରରେ ଆଜିଠାରୁ ଆରମ୍ଭ ହେବ ଯୁଗ୍ମ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍‌କୁ ୩୩ରନ୍‌ରେ ପରାସ୍ତ କଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ।

– ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ।

# ପ୍ରେସିଡେଣ୍ଟ-ଭିଏତ୍‌ନାମ୍ ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ତାଙ୍କ ଭିଏତନାମ ପ୍ରତିପକ୍ଷ ଟୋ ଲାମଙ୍କୁ ସ୍ୱାଗତ କରିଥିଲେ। ଭିଏତ୍‌ନାମ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଏକ ନୈଶ୍ୟ ଭୋଜିର ମଧ୍ୟ ଆୟୋଜନ କରାଯାଇଥିଲା । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତ-ଭିଏତନାମ ସମ୍ପର୍କ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ସହ  ଶାନ୍ତି ଏବଂ ସମୃଦ୍ଧି କ୍ଷେତ୍ରରେ ମଧ୍ୟ ସହାୟକ ହେବ।

ସେ କହିଛନ୍ତି,  ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତ-ଭିଏତନାମ ଦ୍ୱିପାକ୍ଷିକ ସମ୍ପର୍କ ଉଚ୍ଚସ୍ତରୀୟ ଆଦାନପ୍ରଦାନ, ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ, ବିକାଶ ସହଭାଗୀତା ଏବଂ ବାଣିଜ୍ୟ, ସ୍ୱାସ୍ଥ୍ୟ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଓ ପର୍ଯ୍ୟଟନ ଭଳି କ୍ଷେତ୍ରଗୁଡ଼ିକରେ ବିସ୍ତାରିତ ହୋଇଛି। ଭିଏତ୍‌ନାମ ରାଷ୍ଟ୍ରପତିଙ୍କ ସମ୍ପ୍ରତି ଗସ୍ତ ସମୟରେ ବିରଳ ଖଣିଜ ପଦାର୍ଥ, ଡିଜିଟାଲ୍ ଏବଂ ଆର୍ଥିକ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଚୁକ୍ତିନାମା ଏବଂ ଘୋଷଣା କରାଯାଇଛି। ରାଷ୍ଟ୍ରପତି ଭାରତ ଏବଂ ଭିଏତନାମ ମଧ୍ୟରେ ଉନ୍ନତ ବ୍ୟାପକ ରଣନୈତିକ ସହଭାଗୀତା ନେଇ ଦିଆଯାଇଥିବା ମିଳିତ ବିବୃତ୍ତିକୁ ପ୍ରଶଂସା କରିଛନ୍ତି ।

# ବିହାର-କ୍ୟାବିନେଟ୍

ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଆଜି ତାଙ୍କ କ୍ୟାବିନେଟ୍ ସମ୍ପ୍ରସାରଣ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଅନେକ ବରିଷ୍ଠ ଏନ୍‌ଡିଏ ନେତା ଦିନ ୧୨ଟା ୧୦ମିନିଟ୍‌ରେ ପାଟନାର ଗାନ୍ଧୀ ମଇଦାନରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ।

ଆମ ସମ୍ବାଦଦାତା ରିପୋର୍ଟ ଅନୁଯାୟୀ, ପୂର୍ବ ସରକାରରେ ଅନୁସରଣ କରାଯାଇଥିବା ଫର୍ମୁଲା ଆଧାରରେ କ୍ୟାବିନେଟ୍ ସମ୍ପ୍ରସାରଣ କରାଯାଉଛି। ବିଜେପିର ପ୍ରାୟ ୧୫ ଜଣ ଏବଂ ଜେଡି(ୟୁ)ର ୧୪ ଜଣ ବିଧାୟକ ମନ୍ତ୍ରୀ ଭାବରେ ଶପଥ ନେବାର ସମ୍ଭାବନା ରହିଛି। ଏଥିସହିତ ଲୋକ ଜନଶକ୍ତି ପାର୍ଟି (ରାମବିଲାସ)ରୁ ଦୁଇଜଣ ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚାରୁ ଜଣେ ଲେଖାଏଁ ବିଧାୟକଙ୍କୁ ସାମିଲ କରାଯିବାର ଆଶା କରାଯାଉଛି।

# ଜୟଶଙ୍କର-ସୁରିନାମ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଗତକାଲି ପାରାମାରିବୋରେ ତାଙ୍କ ସୁରିନାମ ପ୍ରତିପକ୍ଷ ମେଲଭିନ ବୋଭାଙ୍କ ସହ

ଆଲୋଚନା କରିଛନ୍ତି। ନବମ ମିଳିତ କମିଶନ ବୈଠକରେ ଭାରତ ଏବଂ ସୁରିନାମ ପ୍ରତିନିଧିମଣ୍ଡଳୀ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗର ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି । ଏଥିରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଏବଂ ଶକ୍ତି, ବିକାଶ ସହାୟତା ଏବଂ କ୍ଷମତା ନିର୍ମାଣ, ସ୍ୱାସ୍ଥ୍ୟ ଏବଂ ଗତିଶୀଳତା ଓ ସଂସ୍କୃତି ଉପରେ ଆଲୋଚନା କରାଯାଇଛି । ଡକ୍ଟର ଜୟଶଙ୍କର କହିଛନ୍ତି, ସେମାନଙ୍କ ଆଲୋଚନାର ଫଳାଫଳ ଭାରତ-ସୁରିନାମ ସମ୍ପର୍କକୁ ଆହୁରି ଗଭୀର ଓ ଦୃଢ଼ କରିବ।

ଯୁଗ୍ମ କମିଶନ ବୈଠକ ପରେ ଗଣମାଧ୍ୟମକୁ ଦିଆଯାଇଥିବା ବିବୃତ୍ତି ଅନୁଯାୟୀ ବିଶ୍ୱ ସମ୍ପର୍କିତ ବହୁପାକ୍ଷିକ ପ୍ରସଙ୍ଗ ଉପରେ ଉଭୟପକ୍ଷ ସଫଳ ଆଲୋଚନା କରିଛନ୍ତି।

## ମାଣ୍ଡବ୍ୟ-ଇଏସ୍ଆଇସି

କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀର କର୍ମଚାରୀ ରାଜ୍ୟ ବୀମା ନିଗମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୪୦ ବର୍ଷ ଓ ତା'ଠାରୁ ଅଧିକ ବୟସର ଶ୍ରମିକଙ୍କ ପାଇଁ ଦେଶବ୍ୟାପୀ ବାର୍ଷିକ ସ୍ୱାସ୍ଥ୍ୟ ଯାଞ୍ଚ ପଦକ୍ଷେପର ଆରମ୍ଭ କରିବେ। ଏହି କାର୍ଯ୍ୟକ୍ରମ ଚାରୋଟି ନୂତନ ଶ୍ରମ ସଂହିତା ଆଧାରିତ ପ୍ରଚଳିତ । ଅନ୍ୟ ପକ୍ଷରେ ରାସାୟନିକ ପଦାର୍ଥ, ବିଷାକ୍ତ ପଦାର୍ଥ କିମ୍ବା ଭାରୀ ଯନ୍ତ୍ରପାତି

ପରିଚାଳନା ସମେତ ବିପଦପୂର୍ଣ୍ଣ କିମ୍ବା ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ବୟସ ନିର୍ବିଶେଷରେ ଡାକ୍ତରୀ ଯାଞ୍ଚ ବାଧ୍ୟତାମୂଳକ।

## ରାଜନାଥ କନ୍‌ଫରେନ୍ସ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନିଲ ଚୌହାନ ଆଜି ଜୟପୁରରେ ଯୁଗ୍ମ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣରେ ଯୋଗଦେବେ। 'ନୂତନ କ୍ଷେତ୍ରରେ ସାମରିକ କ୍ଷମତା' ବିଷୟବସ୍ତୁ ଉପରେ ଆଧାରିତ ଏହି ଦୁଇ ଦିନିଆ ସମ୍ମିଳନୀ ଅପରେସନ ସିନ୍ଦୁରର ପ୍ରଥମ ବାର୍ଷିକୀ ଅବସରରେ ପାଳନ କରାଯାଉଥିବାରୁ ଏହାର ଗୁରୁତ୍ୱ ଅଧିକ ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ସମ୍ମିଳନୀରେ ସାଇବର, ମହାକାଶ ଏବଂ ଜ୍ଞାନା କୌଶଳ ଯୁକ୍ତ ଯୁଦ୍ଧ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନ ଗୁଡ଼ିକ ବିଷୟରେ ଆଲୋଚନା କରାଯିବ ।

## ଫ୍ରାନ୍ସ-ହର୍ମୁଜ୍

ହର୍ମୁଜ୍ ପ୍ରଣାଳୀକୁ ସୁରକ୍ଷିତ କରିବା ପାଇଁ ଫ୍ରାନ୍ସ ଲାଲ ସାଗରରେ ଏହାର ଯୁଦ୍ଧପୋତ ବାହକ ଜାହାଜ ମୁତୟନ କରିଛି। ଫରାସୀ ସେନାର

ବିବୃତ୍ତି ଅନୁଯାୟୀ, ଯୁଦ୍ଧ ଜାହାଜ ଗୁଡ଼ିକ ଦକ୍ଷିଣ ଲାଲ୍ ସାଗର ଅଭିମୁଖେ ଯାତ୍ରା କରୁଛନ୍ତି ।

ପରିସ୍ଥିତି ସ୍ଥିର ହେବା କିମ୍ବା ସଂଘର୍ଷର ସମାଧାନ ହେବା ପରେ ହର୍ମୁଜ୍ ପ୍ରଣାଳୀ ଦେଇ ସୁରକ୍ଷିତ ପରିବହନ ପାଇଁ ଭିତ୍ତିଭୂମି ସ୍ଥାପନ କରିବା ନିମନ୍ତେ ଫ୍ରାନ୍ସ ଏବଂ ବ୍ରିଟେନ ଗତ କିଛି ସପ୍ତାହ ହେବ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟରେ ଅନେକ ଗୁଡ଼ିଏ ଦେଶ ସାମିଲ ହେବା ଲାଗି ଇଚ୍ଛା ପ୍ରକାଶ କରିଥିବା କୁହାଯାଇଛି । ଫ୍ରାନ୍ସ ଉଭୟ ଆମେରିକା ଏବଂ ଇରାନକୁ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରସ୍ତାବ ଉପରେ ବିଚାର କରିବାକୁ ଅନୁରୋଧ କରିଛି।

## ମଷ୍ଟ ଆନାଉନ୍ସମେଣ୍ଟ- ପଦ୍ମ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଧାରାବାହିକର ପରବର୍ତ୍ତୀ ଭାଗରେ ପ୍ରଖ୍ୟାତ ଲେଖିକା ଶିବଶଙ୍କରୀଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । ଅନବଦ୍ୟ କାର୍ଯ୍ୟ ପାଇଁ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଉପଲବ୍ଧ ହେବ ।

## ୟୁଏସ୍-ଇରାନ୍

ପଶ୍ଚିମ ଏସିଆରେ ସଂଘର୍ଷ ହ୍ରାସ କରିବା ପାଇଁ ଆମେରିକା ଏବଂ ଇରାନ ପ୍ରାରମ୍ଭିକ ବୁଝାମଣାର ନିକଟତର ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ୧୪ ସୂତ୍ରୀ ଢାଞ୍ଚା ଉପରେ ଆଧାରିତ ଆଲୋଚନା ଓ ଚୁକ୍ତିନାମା ଆଗାମୀ ଦିନରେ  ୩୦-ଦିନ ପାଇଁ ସୁଯୋଗ ସୃଷ୍ଟି କରିବ । ତେହେରାନ କହିଛି, ପ୍ରସ୍ତାବର ସମୀକ୍ଷା କରାଯାଉଛି । ଆମେରିକା ପକ୍ଷରୁ ଏହି ଆଲୋଚନା ବିଫଳ ହେଲେ ପୁଣି ଆକ୍ରମଣ କରାଯିବ ବୋଲି କୁହାଯାଇଛି ।

ଅନ୍ୟ ପକ୍ଷରେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଲୋଚନାର ଅଗ୍ରଗତି ବିଷୟରେ ଆମେରିକୀୟ ଅଧିକାରୀଙ୍କ ସହ ପରାମର୍ଶ କରୁଥିବା ଜଣାପଡ଼ିଛି ।

## ଡବ୍ଲ୍ୟୁବି-କିଲ୍ଡ

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମଧ୍ୟମଗ୍ରାମରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ଚନ୍ଦ୍ରନାଥ ରଥଙ୍କୁ ଅଜ୍ଞାତ ଆକ୍ରମଣକାରୀମାନେ ଗୁଳି କରି ହତ୍ୟା କରିଛନ୍ତି । ରିପୋର୍ଟ ଅନୁଯାୟୀ, ଗତକାଲି ରାତିରେ ମୋଟରସାଇକେଲ ଆରୋହୀମାନେ ଦୋହାରିଆରେ

ତାଙ୍କ କାର ଉପରେ ଅଚାନକ ଗୁଳି ଚଳାଇଥିଲେ। ଚନ୍ଦ୍ରନାଥଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା କିନ୍ତୁ ପହଞ୍ଚିବା ମାତ୍ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଡ୍ରାଇଭର ବୁଦ୍ଧଦେବ ବେରାଙ୍କୁ ଗୁରୁତର ଅବସ୍ଥାରେ କୋଲକାତା ହସ୍ପିଟାଲରେ ଭର୍ତ୍ତି  କରାଯାଇଛି।

ସୂଚନା ଅନୁଯାୟୀ ଚାରିଟି ବାଇକ୍‌ରେ ଆଠ ଜଣ ଆକ୍ରମଣକାରୀ କାରକୁ ଅନୁସରଣ କରି ଆକ୍ରମଣ କରିଥିଲେ। ପୂର୍ବ ମେଦିନୀପୁରର ଚନ୍ଦ୍ରନାଥ ଦୀର୍ଘ ଦିନ ଧରି ମଧ୍ୟମଗ୍ରାମର ବାସିନ୍ଦା ଥିଲେ ଏବଂ ଭବାନୀପୁରରେ ଶୁଭେନ୍ଦୁ ଅଧିକାରୀଙ୍କ ପାଇଁ କାମ କରୁଥିବା ବିଜେପି ଦଳର ଅଂଶ ଥିଲେ। ବୁଦ୍ଧଦେବ ମଧ୍ୟ ସେହି ଦଳର ସଦସ୍ୟ ଥିଲେ।

ଏହି ସମୟରେ, ଘଟଣାସ୍ଥଳେ ଉପସ୍ଥିତ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିଜେପି ନେତାମାନେ ଏହି ହତ୍ୟାକାଣ୍ଡ ପାଇଁ ତୃଣମୂଳ କଂଗ୍ରେସକୁ ଦାୟୀ କରିଛନ୍ତି ।

## ୟୁଏସ୍-ଇରାନ ଅଏଲ୍ ଟ୍ୟାଙ୍କର୍

ଆମେରିକୀୟ ସେନାର ସୂଚନା ଅନୁଯାୟୀ ଓମାନ ଉପସାଗରରେ ଇରାନର ଏକ ତୈଳ ଟ୍ୟାଙ୍କରକୁ ଅଚଳ କରିଦିଆଯାଇଛି । ସାମୁଦ୍ରିକ ଅବରୋଧକୁ ଉଲ୍ଲଂଘନ କରି ଇରାନୀ ଟ୍ୟାଙ୍କର ବନ୍ଦର ଆଡକୁ ଯିବାକୁ

ଚେଷ୍ଟା କରୁଥିବା ବେଳେ ଆମେରିକା ସେନା ସମ୍ପୃକ୍ତ ଜାହାଜକୁ ନିଷ୍କ୍ରିୟ କରିଦେଇଛି । ଏମ୍.ଟି. ହାସନା ନାମକ ଏହି ଜାହାଜଟି ପୂର୍ବରୁ ଅନ୍ତର୍ଜାତୀୟ ଜଳସୀମା ଦେଇ ଇରାନ ଆଡକୁ ଗତି କରୁଥିବା ଠାବ କରାଯାଇଥିଲା । ଆମେରିକୀୟ ସେନାର ନୌସେନାରୁ ଏକ ଲଢୁଆ ଜେଟ୍ ଜରିଆରେ ଗୁଳି ଚାଳନା ପରେ ଜାହାଜଟି ଗତିପଥ ପରିବର୍ତ୍ତନ କରିଥିଲା ।

ତେବେ ଘଟଣା ସମ୍ପର୍କରେ ଇରାନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ଆମେରିକା ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ବନ୍ଦ କରି ଶାନ୍ତି ସ୍ଥାପନ ପାଇଁ କୂଟନୈତିକ ଉଦ୍ୟମ ଜାରି ରହିଥିବା ବେଳେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ପିଆଇବି-ଫ୍ୟାକ୍ଟ ଚେକ୍

ସାମାଜିକ ଗଣମାଧ୍ୟମରେ ପଶ୍ଚିମବଙ୍ଗ ସେପ୍ଟେମ୍ବର ୩୦ ତାରିଖରୁ ଏକ ମଦମୁକ୍ତ ରାଜ୍ୟ ହେବା ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଘୋଷଣା କରିଥିବା ଏକ ଫଟୋ ଭାଇରାଲ୍ ହେଉଥିବା ବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି । ପତ୍ର ସୂଚନା କାର୍ଯ୍ୟାଳୟର ଫ୍ୟାକ୍ଟ ଚେକ୍ ୟୁନିଟ୍ ସୂଚନା ଅନୁଯାୟୀ ଏହି ଫଟୋଟି ନକଲି ଏବଂ ଡିଜିଟାଲ୍ ଭାବରେ

ସମ୍ପାଦିତ ହୋଇଛି। ମନ୍ତ୍ରଣାଳୟ ଆହୁରି କହିଛି, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଦ୍ୱାରା ଏଭଳି କୌଣସି ବିବୃତ୍ତି ଦିଆଯାଇନାହିଁ।

# ଆଇପିଏଲ୍ କ୍ରିକେଟ୍

ଆଇପିଏଲ କ୍ରିକେଟରେ ଗତକାଲି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ୩୩ ରନରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ସନରାଇଜର୍ସ ହାଇଦ୍ରାବାଦ ଦ୍ୱାରା ଧାର୍ଯ୍ୟ ୨୩୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି, ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା । ପଞ୍ଜାବ କିଙ୍ଗସର କୁପର କନୋଲି ୫୯ ବଲରୁ ୧୦୭ ରନ କରି ଅପରାଜିତ ରହିଥିଲେ।

ପୂର୍ବରୁ, ପଞ୍ଜାବ କିଙ୍ଗସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ପାଇଁ ସନରାଇଜର୍ସ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୪ ଓ୍ୱିକେଟ ହରାଇ ୨୩୫ ରନ ସ୍କୋର୍ କରିଥିଲା। ପ୍ୟାଟ୍ କମିନ୍ସଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଆଜି ଲକ୍ଷ୍ନୌର ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ ଷ୍ଟାଡିୟମରେ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ସନ୍ଧ୍ୟା ୭.୩୦ରେ ମ୍ୟାଚ୍ ଖେଳାଯିବ ।